# aurAkashvani, Sambalpur

## SAMBALPURI NEWS BULLETIN

### 16 August 2025 - 6.47- 6.52 am.

*********************************************

ଭାରତୀୟମ-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

୭୯ ତମ ସ୍ୱାଧୀନତା ଦିବସ୍ ଅବ୍‌ସରେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ୍ ଆଉ ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ତର୍‌ଫୁ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ଠାନେ ଦେଶାତ୍ମବୋଧକ ସଂଗୀତ୍ କାର୍ଯ୍ୟକ୍ରମ୍ 'ଭାରତୀୟମ୍' ର ଆୟୋଜନ୍ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବିଭାଗ୍ ତର୍‌ଫୁ ହେଇଥିବା ଘର୍‌ଘର୍ ତ୍ରିରଙ୍ଗା ଅଭିଯାନ୍‌ର ଫଟୋ ଆଉ ଚିତ୍ରକଳା ପ୍ରଦର୍ଶନୀକେ ଭିଲ୍ ଉଦ୍‌ଘାଟନ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ବିଧାୟକ୍ ଆଉ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସଭାସାର୍ ବ୍ୟବସ୍ଥା ପି.ଆଇ.ବି.

ପଂଚାୟତିରାଜ୍ ମନ୍ତ୍ରଣାଲୟ ତର୍‌ଫୁ ପଂଚାୟତ୍ ସଭା ଲାଗି କୃତ୍ରିମ ବୁଦ୍ଧିମତା ଭିତିକ ସଭାସାର୍ ବ୍ୟବସ୍ଥା ଗଲାକାଏଲ୍‌ଠାନୁ ଦେଶର୍ ସବୁ ପଂଚାୟତ୍‌ନୁ ଲାଗୁ କରାଯାଇଛେ । ଇ ବ୍ୟବସ୍ଥାଥି ଆଭାସୀ ଜରିଏ ପଂଚାୟତ୍ ମାନ୍‌କର୍ ଗ୍ରାମ୍‌ସଭା ଆଉ ଅଲ୍‌ଗା ବୈଠକ୍‌ର ଆୟୋଜନ୍ କରାଯାଇକରି ଟିକ୍‌ନିକ୍ ତଥ୍ୟ ରେକର୍ଡ୍ କରାଯାଇପାର୍‌ବା ।

ୟୁଜିସି-ନିଶାମୁକ୍ତ ଭାରତ୍ ଅଭିଯାନ ହି.ସ.

ଜାତୀୟସ୍ତରଥି ନିଶାମୁକ୍ତ ଭାରତ୍ ଅଭିଯାନ୍ ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ - ୟୁଜିସି ତର୍‌ଫୁ ଚିଠି କରାଯାଇଛେ । ଗଲାକାଏଲ୍ ନୁ ମୁଲ୍ ହେଇଥିବା ଇ ଅଭିଯାନ୍‌ଥି ୨ ଦିନ୍‌ତକ୍ ଶିକ୍ଷାନୁଷ୍ଠାନ୍ ପରିସର୍ ନ ଇତାକେ ଆୟୋଜନ୍ କର୍‌ବାର୍ ଲାଗି କୁହାଯାଇଛେ । ଶିକ୍ଷାନୁଷ୍ଠାନ୍,

ସୋସିଆଲ୍ ମିଡ଼ିଆ, ଡିଜିଟାଲ୍ ମିଡ଼ିଆ ଜରିଏ ଅଭିଯାନ୍‌ଥି ସାମିଲ୍ ହେବାର୍‌କେ ୟୁଜିସି ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ଶ୍ରୀମନ୍ଦିର-ପରିଚାଳନା କମିଟି       ପୁରୀ ସମ୍ବାଦଦାତା

ଆଏବା ହପ୍ତେ ଭିତ୍‌ରେ ଶ୍ରୀମନ୍ଦିର୍ ପରିଚାଳନା କମିଟି ଗଠନ୍ କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସୂଚ୍‌ନା ଦେଇଛନ୍ । ସେ କହିଛନ୍, ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପରିଚାଳନା କମିଟି ଲାଗି ସବୁ ପ୍ରକ୍ରିୟା ଶେଷ୍ ହେଇଛେ । କମିଟି ଗଠନ୍ ହେଲା ଉତ୍‌ରୁ ଗୁଟେ ଉଚ୍ଚସ୍ତରୀୟ କମିଟି ଜରିଏ ରତ୍ନଭଣ୍ଡାର୍‌ର ସବୁ ଅଲଙ୍କାର୍‌ର ଗନ୍‌ତିମନ୍‌ତି କରାଯିବା । ଗନ୍‌ତି କାମ୍‌ଥି ଭାରତୀୟ ରିଜର୍ଭ ବେଙ୍କ୍‌ର ୨ ଝନ୍ ବରିଷ୍ଠ ଅଧିକାରୀ ଭିଲ୍ ସାମିଲ୍ ହେବେ । ସେନ୍ତା ଆଏବା ରଥ୍‌ଯାତ୍ରା ଲାଗି ଖୋବ୍ ଜଲଦ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ବସ୍‌ବା ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ନନ୍ଦୋତ୍ସବ୍       ଆର୍‌ଏନ୍‌ୟୁ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ନନ୍ଦୋତ୍ସବ୍  ଆନନ୍ଦ ଉଲ୍ଲାସ୍‌ଥି ପରମ୍ପରା ଅନ୍‌ସାରେ ହେବା । ମହାପ୍ରଭୁଙ୍କର୍ ସନ୍ଧ୍ୟା ଆଲ୍‌ତୀ ନୀତି ଶେଷ୍ ହେବାର୍

ଉତ୍‌ରୁ ମହାଜନ ସେବାୟତ୍‌ମାନେ ରାମକୃଷ୍ଣ ଆଉ ମଦନ୍‌ମୋହନ୍‌ଙ୍କୁ ଜଗମୋହନ୍ ନ ଅବସ୍ଥାପିତ୍ ହେଇଥିବା ଦୁଲିଥି ବିଜେ କରାବେ । ତାର୍ ଉତ୍‌ରୁ ମଇଲମ ଆଉ ଅଲ୍‌ଗା ନୀତି ସର୍‌ବାର୍ ଉତ୍‌ରୁ ପ୍ରଭୁ ଜଗନ୍ନାଥ୍ ଆଉ ଦେବୀ ସୁଭଦ୍ରାଙ୍କର୍ ପାଶେ ଷଠୀ ଆଉ ମାର୍କଣ୍ଡି ପୂଜା ହେବା । ଶ୍ରୀମନ୍ଦିର୍ ନ ପ୍ରଭୁ ଶ୍ରୀକୃଷ୍ଣଙ୍କର୍ ଜନ୍ମୋତ୍ସବ୍ ଗଲାକାଏଲ୍ ଅଧାରାତିଥି ପାରମ୍ପାରିକ୍ ରୀତିନୀତିଥି ପାଲିତ୍ ହେଇଯାଇଛେ ।

ବୁଝାମଣା ପତ୍ର କଲାହାଣ୍ଡି          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ସର୍କିଟ୍ ହାଉସ୍ ଠାନେ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ଉପସ୍ଥିତିଥି ଭାରତୀୟ ପ୍ରଶାସନିକ୍ ସେବା ପରୀକ୍ଷା ଲାଗି ଛାତ୍ରଛାତ୍ରୀମାନ୍‌କୁ ମାହାଲିଆ ତାଲିମ୍ ଦେବାର୍‌କେ ଜିଲ୍ଲା ପ୍ରଶାସନ୍ ଆଉ ଦିଲ୍ଲୀର୍ ଗୁଟେ ସଂସ୍ଥା ଭିତ୍‌ରେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ପହେଲା ଖେପେ ୫୦ ନୁ ୬୦ ଝନ୍ ଛାତ୍ରଛାତ୍ରୀଙ୍କୁ ଇଥିର୍‌ଲାଗି ବଛାଯିବା । ଜିଲ୍ଲାପାଲ୍ ସଚିନ୍ ପାୱାର୍ ପ୍ରକାଶ୍‌ଙ୍କର୍ ଚେରେଷ୍ଟାଥି ଜିଲ୍ଲା ନ ମିଶନ୍ ଆକାଂକ୍ଷା ନାଁଥି ଇତାକେ ମୁଲ୍ କରାଯାଇଛେ ।

ସୂର୍ଯ୍ୟବଂଶୀ ସୂରଜ-ସୁବର୍ଣ୍ଣପୁର          ସୁବର୍ଣ୍ଣପୁର ସମ୍ବାଦଦାତା

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଗଲାକାଏଲ୍ ସୁବର୍ଣ୍ଣପୁର୍ ଜିଲ୍ଲା ସନ୍ଥକବି ଭୀମଭୋଇଙ୍କର୍ ସମାଧୀ ପୀଠ ଆଉ ପାତାଳି ଶ୍ରୀକ୍ଷେତ୍ର ପରିଦର୍ଶନ୍ କରିଛନ୍ । ସନ୍ଥକବିଙ୍କର୍ ଶହେ ୭୫ ତମ ଜୟନ୍ତୀ ପାଲନ୍ ଅବ୍ସରେ ରାଜ୍ୟ ସର୍କାର୍ ଇତାକେ ରାଜ୍ୟବ୍ୟାପୀ ପାଲନ୍ କର୍ବାର୍ ସହେତେ ତାଙ୍କର୍ ସାହିତ୍ୟ କୃତିକେ କମ୍ପ୍ୟୁଟରିକରଣ କରାଯିବା ବଲି ମନ୍ତ୍ରୀ କହିଛନ୍ । ସେନ୍ତା ପାତାଳି ଶ୍ରୀକ୍ଷେତ୍ର ନ ଭବ୍ୟ ମନ୍ଦିର୍ ତିଆର୍ ଆଉ ଇ ପର୍ଯ୍ୟଟନ୍ସ୍ଥଲୀର୍ ବିକାଶ୍ ଲାଗି ଜିଲ୍ଲା ପ୍ରଶାସନ୍ ଆଉ ମନ୍ଦିର୍ ଟ୍ରଷ୍ଟ୍ର କର୍ମକର୍ତାମାନ୍କର୍ ସାଙ୍ଗେ ମନ୍ତ୍ରୀ ଆଲୋଚନା କରିଛନ୍ । ଇ ଅବ୍ସରେ ବୀର୍ମହାରାଜ୍ପୁର୍ ବିଧାୟକ୍ ରଘୁନାଥ୍ ଜଗ୍ଦଲା, ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ, ଆରକ୍ଷୀ ଅଧିକ୍ଷକ୍ ନାରାୟଣ୍ ନାଏକ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଭାରତୀୟମ-ସୁବର୍ଣ୍ଣପୁର        ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍ମହାରାଜ୍ପୁର୍ ମିନି ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍ ସ୍ୱାଧୀନତା ଦିବସ୍ ଅବ୍ସରେ ଦେଶାତ୍ମବୋଧ ସଂଗୀତ୍ କାର୍ଯ୍ୟକ୍ରମ୍ ଭାରତୀୟମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜିଲ୍ଲାର୍ ସାମଗ୍ରୀକ ବିକାଶ୍

ସର୍କାର୍ଙ୍କର୍ ମୁଖ୍ୟ ଦାୟିତ୍ୱ ବଲି କହିଛନ୍ । ଇ ଅବ୍ସରେ ବୀର୍ମହାରାଜ୍ପୁର୍ ଉପଖଣ୍ଡର୍ ଗ୍ରାମୀଣ କ୍ରୀଡ଼ା ଆଉ ଖେଲାଲିମାନ୍କର୍ ବିକାଶ୍ ଲାଗି ଗୁଟେ ଷ୍ଟାଡ଼ିୟମ୍ ତିଆର୍ କର୍ବାର୍କେ ୧୪ କୋଟି ୫୦ ଲାଖ୍ ଟଙ୍କାର୍ ଖାସ୍ ଆର୍ଥିକ୍ ଅନୁଦାନ୍ ଦେବାର୍କେ ମନ୍ତ୍ରୀ ଘୋଷ୍ନା କରିଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧପ୍ରଦେଶ ଉପକୂଳ ନ ସୃଷ୍ଟି ହେଇଥିବା ଲଘୁଚାପ ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼ଘଡ଼ି ସହେତେ ବର୍ଷା ଲାଗି ରହିଛେ । ଆଏବା ୧୯ ଆର୍ ୨୭ ତାରିଖ୍ ଆଉ ୨ ଟା ଲଘୁଚାପ୍ ହେଇପାରେ । ଇତାର୍ ପ୍ରଭାବ୍ଥି ରାଏଜେ ଆହୁରି ଜବର୍ ଜବର୍ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।